ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/FS&CW (OD)/1293/15-02-2021

## ଗତବର୍ଷର ମୋଟ ଖରିଫ ଧାନସଂଗ୍ରହଠାରୁ ଚଳିତ ଖରିଫ୍‌ରେ ଅଦ୍ୟାବଧି ଅଧିକ ଧାନ ସଂଗ୍ରହ

## ଆଜି ସୁଦ୍ଧା ମୋଟ ୫୩ ଲକ୍ଷ ୫୫ ହଜାର ୧୭୪ ମେଟ୍ରିକ୍ ଟନ୍ ଖରିଫ୍ ଧାନ ସଂଗ୍ରହ

### ଗତବର୍ଷ ଖରିଫରେ ମାର୍ଚ୍ଚ ଶେଷ ସୁଦ୍ଧା

### ମୋଟ ୫୩ ଲକ୍ଷ ୩୧ ହଜାର ୧୮୬ ମେଟ୍ରିକ୍ ଟନ ଧାନ ସଂଗ୍ରହ ହୋଇଥିଲା

ଭୁବନେଶ୍ୱର, ୧୫.୦୨.୨୦୨୧

ରାଜ୍ୟରେ ଆଜି ସୁଦ୍ଧା ସଂଗ୍ରହ କରାଯାଇଥିବା ଚଳିତ ଖରିଫ୍ ଧାନ ଗତବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ସଂଗ୍ରହ କରାଯାଇଥିବା ମୋଟ ଖରିଫ ଧାନଠାରୁ ଅଧିକ ହୋଇଛି । ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ବିଭିନ୍ନ ପ୍ୟାକ୍ସ/ଲ୍ୟାମ୍ପସ୍, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ମାଧ୍ୟମରେ ଅଦ୍ୟାବଧି ମୋଟ ୫୩ ଲକ୍ଷ ୫୫ ହଜାର ୧୭୪ ମେଟ୍ରିକ ଟନ ଧାନସଂଗ୍ରହ କରାଯାଇଛି । ଗତ ଖରିଫରେ ମାର୍ଚ୍ଚ ଶେଷ ସୁଦ୍ଧା ମୋଟ ୫୩ ଲକ୍ଷ ୩୧ ହଜାର ୧୮୬ ମେଟ୍ରିକ୍ ଟନ ଧାନସଂଗ୍ରହ ହୋଇଥିଲା । ଗତ ଖରିଫର ମୋଟ ଧାନସଂଗ୍ରହ ତୁଳନାରେ ଆଜି ସୁଦ୍ଧା ଅଧିକ ୨୩, ୯୮୮ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଛି । ସେହିପରି ଗତ ଖରିଫରେ ଆଜି ତାରିଖରେ ସଂଗ୍ରହ ହୋଇଥିବା ଖରିଫ ଧାନଠାରୁ ଚଳିତ ଖରିଫରେ ଅଦ୍ୟାବଧି ୨୧ ପ୍ରତିଶତ ଅଧିକ ଧାନସଂଗ୍ରହ ହୋଇଛି । ଚଳିତ ଖରିଫରେ ଧାନସଂଗ୍ରହର ଅଗ୍ରଗତି ଆଶାନୁରୂପ ହୋଇଛି ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ବିଭାଗ ଦ୍ୱାରା ପି-ପାସ ଜରିଆରେ ଓ ଚାଷୀମାନଙ୍କୁ ଆଗୁଆ ଟୋକେନ ପ୍ରଦାନ ଦ୍ୱାରା ଧାନ କିଣାରେ ସଂପୂର୍ଣ୍ଣ ସ୍ୱଚ୍ଛତା ଆସିବା ସହ ଧାନସଂଗ୍ରହ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି ।

ଏଥି ସହିତ ଗତବର୍ଷ ଖରିଫରେ ଧାନ ବିକ୍ରି କରିଥିବା ମୋଟ ଚାଷୀଙ୍କ ସଂଖ୍ୟାଠାରୁ ଚଳିତ ବର୍ଷ ଅଦ୍ୟାବଧି ଅଧିକ ଚାଷୀ ଧାନ ବିକ୍ରି କରିସାରିଛନ୍ତି । ଗତ ଖରିଫରେ ୩୧ ମାର୍ଚ୍ଚ ୨୦୨୦ ଅବଧି ପର୍ଯ୍ୟନ୍ତ ରାଜ୍ୟର ମୋଟ ୯ ଲକ୍ଷ ୫୬ ହଜାର ୮୬ ଜଣ ଚାଷୀ ସେମାନଙ୍କ ଖରିଫ ଧାନ ବିକ୍ରି କରିଥିବାବେଳେ ଚଳିତ ଖରିଫରେ ଆଜି ସୁଦ୍ଧା ମୋଟ ୯ ଲକ୍ଷ ୬୦ ହଜାର ୫୯୭ ଜଣ ରେଜିଷ୍ଟ୍ରିଭୁକ୍ତ ଚାଷୀ ଧାନ ବିକ୍ରି କରିସାରିଲେଣି । ଗତ ଖରିଫରେ ଆଜି ତାରିଖ ସୁଦ୍ଧା ୭ ଲକ୍ଷ ୮୮ ହଜାର ୬୦୧ ଜଣ ଚାଷୀ ସେମାନଙ୍କ ଧାନ ବିକ୍ରି କରିଥିଲେ । ସେହିପରି ଗତ ଖରିଫ ତୁଳନାରେ ଆଜି ସୁଦ୍ଧା ପ୍ରାୟ ୪ ହଜାରରୁ ଅଧିକ ଚାଷୀ ସେମାନଙ୍କ ଧାନ ବିକ୍ରି କରିଛନ୍ତି । ଗତ ଖରିଫରେ ଆଜି ତାରିଖ ତୁଳନାରେ ଅଦ୍ୟାବଧି ୨୨ ପ୍ରତିଶତ ଅଧିକ ଚାଷୀ ଖରିଫ ଧାନ ବିକ୍ରି କରିଛନ୍ତି ।

ସୂଚନାଯୋଗ୍ୟ ଯେ ଅଦ୍ୟାବଧି ରାଜ୍ୟର ସମସ୍ତ ଜିଲ୍ଲାରେ ଗତ ଖରିଫର ଆଜି ତାରିଖ ତୁଳନାରେ ଅଧିକ ଖରିଫ ଧାନସଂଗ୍ରହ କରାଯାଇଛି । ସେଥି ମଧ୍ୟରୁ ମୟୂରଭଞ୍ଜ ଜିଲ୍ଲାରେ ଗତ ଖରିଫ ତୁଳନାରେ ୫୮ ପ୍ରତିଶତ, ଅନୁଗୋଳ ଜିଲ୍ଲାରେ ୪୮ ପ୍ରତିଶତ, ଢେଙ୍କାନାଳ ଜିଲ୍ଲାରେ ୪୮ ପ୍ରତିଶତ, କେନ୍ଦ୍ରାପଡ଼ାରେ ୪୭ ପ୍ରତିଶତ, ନୟାଗଡ଼ରେ ୪୬ ପ୍ରତିଶତ, କୋରାପୁଟରେ ୩୯ ପ୍ରତିଶତ, ବୌଦ୍ଧରେ ୩୭ ପ୍ରତିଶତ, ଯାଜପୁରରେ ୩୪ ପ୍ରତିଶତ, ନବରଙ୍ଗପୁରରେ ୩୩ ପ୍ରତିଶତ ଓ ସୁନ୍ଦରଗଡ଼ ଜିଲ୍ଲାରେ ୩୧ ପ୍ରତିଶତ ଅଧିକ ଧାନସଂଗ୍ରହ କରାଯାଇଛି ।

ତାପସ ସାହା
ସୂଚନା ଅଧିକାରୀ